# Akashvani, Sambalpur

## SAMBALPURI NEWS BULLETIN

### 7 January 2026 – 6.47- 6.52 am.

*************************************************

ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ରାଜ୍ୟର୍ ଶହେ ୧୮ଟା ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର୍ ଭିତିପ୍ରସ୍ତର୍ ଥାପ୍‌ନା କର୍‌ବେ । ଇଥିର୍‌ଲାଗି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଖୋର୍ଦ୍ଧା ଜିଲ୍ଲା ବାଣପୁର୍ ପଲ୍‌ଟନ୍ ପଡ଼ିଆ ନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ । ସମାରୋହଥି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ପୁରୀ ସାଂସଦ୍ ଡକ୍ଟର୍ ସମ୍ବିଦ୍ ପାତ୍ରଙ୍କର୍ ସହେତେ ବିଧାୟକ୍‌ମାନେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ମୁଖ୍ୟମନ୍ତ୍ରୀ- ସ୍ୱାସ୍ଥ୍ୟବିଭାଗ୍ ସମୀକ୍ଷା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍‌ର କାମ୍‌କାଜର

ସମୀକ୍ଷା କରିଛନ୍ । କ୍ଷେତ୍ର ପରିଦର୍ଶନ୍ କରିକରି ସ୍ୱାସ୍ଥ୍ୟ ଭିତିଭୂମିର୍ ଯେନ୍ତା ଠିକ୍ ଭାବେ ଉନ୍ନତି ହେବା ସେଥିର୍‌ଲାଗି ପଦକ୍ଷେପ୍ ନେବାର୍‌କେ ମୁଖ୍ୟମନ୍ତ୍ରୀ ଅଧିକାରୀ ଆଉ ସଚିବମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ରାଏଜେ ନର୍ସିଂ କ୍ଷେତ୍ରଥି ସଂସ୍କାର୍ ଆନ୍‌ବାର୍ ସହେତେ ଡିଜିଟାଲ୍ ସ୍ୱାସ୍ଥ୍ୟ ପ୍ରଣାଲୀ ବାବ୍‌ଦେ ମୁଖ୍ୟମନ୍ତ୍ରୀ ବୈଠକ୍‌ଥି ଜୋର୍ ଦେଇଛନ୍ । ମେଡ଼ିକାଲ୍ ଶିକ୍ଷାଥି ସିଟ୍ ବୃଦ୍ଧି, ବ୍ରହ୍ମପୁର ଏମ୍‌କେଜିସି, ବୁର୍ଲା ଭିମସାର୍, କଟକ୍ ଏସ୍‌ସିବି ମେଡ଼ିକାଲ୍ କଲେଜ୍ ନ ସୁପର୍ ସ୍ପେଶାଲିଟି ସେବାକେ ଆହୁରି ବ୍ୟାପକ୍ କର୍‌ବାର୍ ଲାଗି ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ଆୟୁଷ୍ମାନ୍ ଭାରତ୍ ଡିଜିଟାଲ୍ ମିଶନ୍‌ର ରାଜ୍ୟସ୍ତରୀୟ କାର୍ଯ୍ୟାନ୍ୱୟନ୍ ଅନୁମୋଦନ୍ ଲାଗି ବୈଠକ୍‌ଥି ପ୍ରସ୍ତାବ୍ ଦିଆଯାଇଥିଲା ।

ସିଏମ୍ ଟ୍ରଫି I&PR

ତଲ୍‌ସ୍ତର୍‌ନୁ ପ୍ରତିଭାବାନ୍ ଖେଲାଲିମାନ୍‌କୁ ବାଛିକରି ଜାତୀୟ ଆଉ ଅନ୍ତର୍ଜାତୀୟ ସ୍ତର୍‌ଥି ପୁହୁଁଚାବାର୍ ଲକ୍ଷ୍ୟଥି ରାଜ୍ୟର୍ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍‌ଫୁ ସିଏମ୍ ଟ୍ରଫି ଚାମ୍ପିଅନ୍‌ସିପ୍‌ର ଆୟୋଜନ୍ କରାଯିବା । ଇଥି ୪ ଟା କ୍ରୀଡ଼ା ବିଭାଗ୍‌ଥି ପ୍ରତିଯୋଗିତା ହେବା । ୩୨ ହଜାର୍‌ନୁ ଅଏତ୍‌କା ଯୁବ ଖେଲାଲି ପ୍ରତିଯୋଗିତାଥି ଭାଗ୍ ନେବାର୍ ଆଶ୍ କରାଯାଉଛେ । ଇଥି ଭାଗ୍ ନେବାର୍‌କେ ଖେଲାଲିମାନେ ଆଏଜ୍‌ଠାନୁ

ଆଏବା ୧୪ ତାରିଖ୍‌ତକ୍ ପଞ୍ଜିକରଣ୍ କରିପାର୍‌ବେ ବଲି ଗଲାକାଏଲ୍ ବିଭାଗ୍‌ର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସାମ୍ବାଦିକ୍‌ମାନ୍‌କୁ ସୂଚ୍‌ନା ଦେଇଛନ୍ ।

କୃଷି, କୃଷକ୍ ସଶକ୍ତିକରଣ୍ ବିଭାଗ୍ I&PR

ରାଜ୍ୟ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ 'କୃଷି ଜ୍ଞାନ ବକ୍ତୃତା ମାଳା: ବିକଶିତ ଭାରତ ଲାଗି ବିକଶିତ ଓଡ଼ିଶା' ଶୀର୍ଷକ୍ ଗୁଟେ ବକ୍ତୃତାମାଳା ମୁଲ୍ ହେଇଛେ । ଭୁବ୍‌ନେଶ୍ୱର୍ ନ ଚାଲିଥିବା କାର୍ଯ୍ୟକ୍ରମ୍‌ଥି ଭାରତୀୟ କୃଷି ଗବେଷଣା ପରିଷଦ୍‌ର ମହାନିର୍ଦ୍ଦେଶକ୍ ଡକ୍ଟର୍ ମାଙ୍ଗିଲାଲ୍ ଜାଟ୍ ଯୋଗ୍ ଦେଇକରି କୃଷି ବିଭାଗ୍‌ର ଭବିଷ୍ୟତ୍ ରଣନୀତି ବାବ୍‌ଦେ ଆଲୋଚନା କରିଥିଲେ । ବିଜ୍ଞାନ୍ ନେତୃତ୍ୱାଧୀନ୍ କୃଷି ପରିବର୍ତ୍ତନ୍‌ଥି ଓଡ଼ିଶା ଅଲ୍‌ଗା ରାଜ୍ୟମାନ୍‌କର୍ ଲାଗି ଗୁଟେ ଜୀବନ୍ତ ପ୍ରୟୋଗ୍‌ଶାଲା ବଲି ଇ ଅବ୍‌ସରେ ଡକ୍ଟର୍ ଜାଟ୍ କହିଛନ୍ ।

ଚିଲିକା-ଡଙ୍ଗା ଚାଲନା ପ୍ରତିଯୋଗିତା I&PR

ଜାତୀୟ ଚିଲିକା ବିହଙ୍ଗ ଉତ୍ସବ୍ ଅବ୍‌ସରେ ଗଲାକାଏଲ୍ ଚିଲିକା ବର୍‌କୁଳ ନ ପହେଲା ଦେଶୀ ଡଙ୍ଗା ଚାଲନା ପ୍ରତିଯୋଗିତା ଉଦ୍‌ଘାଟିତ୍ ହେଇଛେ ।

ପ୍ରତିଯୋଗିତାକେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ୍ କରିଛନ୍ । ପ୍ରତିଯୋଗିତାଥି ୮୧ ଟା ଦେଶୀ ଡଙ୍ଗା ସମିତି ଭାଗ୍ ନେଇଛନ୍ । ପହେଲା ଦିନେ ୪୫ ଟା ଦଲ୍ ପ୍ରତିଯୋଗିତାଥି ସାମିଲ୍ ହେଇଥିଲେ ।

ବନକଲାଗି ନୀତି ପୁରୀ ସମ୍ବାଦଦାତା

ମାଘ୍ ମାସର୍ ଅନ୍ଧାର୍ ପଖର୍ ଚତୁର୍ଥୀ ତିଥି ନ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ବନକଲାଗି ନୀତି ହେବା । ୨ ନମ୍ବର୍ ଭୋଗ ମଣ୍ଡପ୍ ଶେଷ୍ ହେବାର୍ ଉତ୍‌ରୁ ନୀତି ମୁଲ୍ କରାଯିବା । ଇଥିର୍‌ଲାଗି ଉପର୍‌ବେଲା ୫ ନୁ ରାତିର୍ ୧୦ ବଜେତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ଝାର୍‌ସୁଗୁଡ଼ା-ସ୍ୱାସ୍ଥ୍ୟ ବିଭାଗ୍‌ର ସମୀକ୍ଷା ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍‌ର ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଖାସ୍ କରି ମା' ଆଉ ଛୁଆମାନ୍‌କର୍ ସ୍ୱାସ୍ଥ୍ୟସେବା ଉପ୍‌ରେ ଜୋର୍ ଦିଆଯାଇଥିଲା । ଜିଲ୍ଲା ନ ଗର୍ଭବତୀ ମହିଲା ମାନ୍‌କର୍ ଶହେ

ପ୍ରତିଶତ୍ ପଞ୍ଜିକରଣ୍ ଆଉ ପିଏମ୍ଏସ୍ଏମ୍ଏ କାର୍ଯ୍ୟକ୍ରମ୍ ଜରିଏ ଯୋଗ୍ୟ ମହିଳାମାନ୍‌କର୍ ଉପସ୍ଥିତି ସୁନିର୍ଣ୍ଚିତ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦେଇଥିଲେ ।

ପାଣି ପଂଚାୟତ୍ ପକ୍ଷ ଝାର୍‌ସୁଗୁଡ଼ା/ସୁବର୍ଣ୍ଣପୁର୍ ସମ୍ବାଦଦାତା

ପାଣି ପଂଚାୟତ୍ ପକ୍ଷ -୨୦୨୬ ପାଲନ୍ ଅବ୍‌ସରେ ଝାର୍‌ସୁଗୁଡ଼ା ଜିଲ୍ଲା ନ ଜଲ୍ ସଂରକ୍ଷଣ୍ ଆଉ ତାର୍ ସୁପରିଚାଲନା ଲାଗି ଗୁଟେ ବ୍ୟାପକ୍ ସଚେତନତା କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଇ ଅବ୍‌ସରେ ଗୁଟେ ସଚେତନତା ରଥକେ ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍ ଶୁଭାରମ୍ଭ କରିଛନ୍ । ଇ ରଥ ଜିଲ୍ଲାର୍ ଭିନ୍ ଭିନ୍ ଜାଗାକେ ଯାଇକରି ପାନିର୍ ଉଚିତ୍ ବେଭାର୍, ପାନିର୍ ସଂରକ୍ଷଣ୍ ଆଉ ଇ ଦିଗେ ସମାନତା ଆଉ ସମ୍‌କର୍ ଭାଗିଦାରୀ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବା ।
ସୁବର୍ଣ୍ଣପୁର୍ ଜିଲ୍ଲା ନ ଭିଲ୍ ଇ ଅବ୍‌ସରେ ଗୁଟେ ସଚେତନତା ରଥକେ ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ ଉଦ୍‌ଘାଟନ୍ କରିଛନ୍ । ଇ ରଥ ସୁବର୍ଣ୍ଣପୁର୍ ଉପଖଣ୍ଡର୍ ଭିନ୍ ଭିନ୍ ଜାଗାକେ ଯାଇକରି ପାଣି ପଂଚାୟତ୍‌ର ଲକ୍ଷ୍ୟ ଆଉ ଚାଷୀମାନ୍‌କର୍ ଲାଗି ଇତାର୍ କାମ୍‌କାଜ୍ ବାବ୍‌ଦେ ସଚେତନ୍ କର୍‌ବା ।

ବାଲ୍ୟ ବିବାହ ନିଷେଧ-ନୂଆପଡ଼ା        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଶିକ୍ଷାଧିକାରୀଙ୍କର୍ କାର୍ଯ୍ୟାଳୟ ଆଉ ଜିଲ୍ଲା ମହିଳା ସଶକ୍ତିକରଣ୍ କେନ୍ଦ୍ର ତର୍ଫୁ ଜିଲ୍ଲାର୍ ସବୁ ବିଦ୍ୟାଳୟ ନ ବାଲ୍ୟ ବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍ସରେ ଶିକ୍ଷକ୍, ଶିକ୍ଷୟିତ୍ରୀ ଆଉ ଛାତ୍ରଛାତ୍ରୀମାନେ ବାଲ୍ୟ ବିବାହ ନିଷେଧ୍ ଲାଗି ଶପଥ୍ ନେଇଥିଲେ ।

ଏନ୍ଏସ୍ଏସ୍ ଶିବିର୍        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ତୁକ୍ଲା କ୍ଷମା ମେହେର୍ ସ୍ନାତକ ମହାବିଦ୍ୟାଳୟ ନ ଜାତୀୟ ସେବା ଯୋଜ୍ନା ତର୍ଫୁ ଶୀତ୍କାଲୀନ୍ ଶିବିର୍ ଉଦ୍ଘାଟିତ୍ ହେଇଯାଇଛେ । କଲେଜ୍ ଅଧକ୍ଷ ଡକ୍ଟର୍ ରବୀନ୍ଦ୍ର ନାରାୟଣ୍ ମିଶ୍ରଙ୍କର୍ ସଭାପତିତ୍ୱଥି ହେଇଥିବା ଶିବିର୍ଥି ଜିଲ୍ଲା ପରିଷଦ୍ ସଭ୍ୟ ମାଲ୍ୟବନ୍ତ ସୁନା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ଟେବୁଲ୍ଟପ୍ ଅଭ୍ୟାସ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧକ୍ଷତାଥି ତାଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଏନ୍ଡିଆର୍ଏଫ୍ ସହଯୋଗ୍ଥି ବନ୍ୟା ସମିଆଥି

ଉଦ୍ଧାର୍ କାମ୍ ବାବଦ୍ ଗୁଟେ ଟେବୁଲ୍‌ଟପ୍ ଅଭ୍ୟାସ୍ ହେଇଯାଇଛେ । ଇ ଅବ୍‌ସରେ ଏନ୍‌ଡିଆର୍‌ଏଫ୍ ଅଧିକାରୀମାନେ ଯୋଗ୍ ଦେଇକରି ପ୍ରାକୃତିକ ବିପର୍ଯ୍ୟୟ ସମିଆଥି ରିଲିଫ୍ ଆଉ ଉଦ୍ଧାର୍ କାମ୍ ବାବ୍‌ଦେ ସୂଚନା ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍‌ଲହରୀ ଜାରି ରହିଛେ । ଆଏବା ୩ /୪ ଦିନ୍ ଭିତ୍‌ରେ ରାଏଜେ ଆହୁରି ୧ ନୁ ୨ ଡିଗ୍ରୀ ତକ୍ ତାପମାତ୍ରା କମିକରି ଶୀତ୍ ବଢ଼ିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ । ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍ ସହେତେ ୬ ଟା ଜିଲ୍ଲାକେ ଜବର୍ ଶୀତ୍ ଲାଗି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଗଲାକାଏଲ୍ ୫ ଦଶ୍‌ମିକ୍ ୧ ଡିଗ୍ରୀ ତାପମାତ୍ରା ସହେତେ ଝାର୍‌ସୁଗୁଡ଼ା ରାଜ୍ୟର୍ ସବୁନୁ ଥଣ୍ଡା ସହର୍ ହେଇଥିଲା ।